# ବିଦ୍ୟାଳୟ ପରିଚାଳନା କମିଟି
## (ଏସ୍.ଏମ୍.ସି.)

ଶିଶୁମାନଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ୍, ୨୦୦୯ର ଧାରା-୨୧ ଓ ଓଡ଼ିଶା ଶିଶୁମାନଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ନିୟମ, ୨୦୧୦ର ନିୟମାବଳୀ-୩ ଅନୁସାରେ ଅଣ-ଅନୁଦାନପ୍ରାପ୍ତ ବିଦ୍ୟାଳୟ ବ୍ୟତୀତ ପ୍ରତ୍ୟେକ ବିଦ୍ୟାଳୟରେ 'ବିଦ୍ୟାଳୟ ପରିଚାଳନା କମିଟି' ଗଠନ କରାଯିବ ।

### ୧. ବିଦ୍ୟାଳୟ ପରିଚାଳନା କମିଟି ଗଠନ

ଯେଉଁ ଉଚ୍ଚ ବିଦ୍ୟାଳୟ (ହାଇସ୍କୁଲ)ରେ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି (ଉଦାହରଣ ସ୍ୱରୂପ :- ଶ୍ରେଣୀ-୧ମ ରୁ ୧୦ମ, ଶ୍ରେଣୀ-୬ଷ୍ଠ ରୁ ୧୦ମ, ଶ୍ରେଣୀ-୪ର୍ଥ ରୁ ୧୦ମ, ଶ୍ରେଣୀ-୮ମ ରୁ ୧୦ମ) ସେଠାରେ 'ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି' ସହିତ ମଧ୍ୟ ଏପରି 'ବିଦ୍ୟାଳୟ ପରିଚାଳନା କମିଟି' ଗଠନ କରାଯିବ ।

୧.୧ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ/ସଦସ୍ୟାମାନେ ଅଭିଭାବକ ଓ ଶିକ୍ଷକ ସଂଘର ସଦସ୍ୟ/ସଦସ୍ୟାମାନଙ୍କ ଭିତରୁ ନିର୍ବାଚିତ ହେବେ । ନିମ୍ନଲିଖିତ ସ୍ୱତନ୍ତ୍ରତା ଭିତ୍ତିରେ ବିଦ୍ୟାଳୟ ପରିଚାଳନା କମିଟିରେ ୧୯ ଜଣ ସଦସ୍ୟ/ସଦସ୍ୟା ରହିବେ ।

କ) ୧୨ (ବାର ଜଣ) ଅଭିଭାବକ ସଦସ୍ୟ/ସଦସ୍ୟା ଯାହାକି ତଳେ ବର୍ଣ୍ଣନା କରାଯାଇଛି ।

- **ପୁରୁଷ ସଦସ୍ୟ ୫୦ ପ୍ରତିଶତ** - ଯାହାଙ୍କ ଭିତରେ ଉପଲବ୍ଧତା ଭିତ୍ତିରେ ଅତିକମ୍‌ରେ ଜଣେ ଏସି/ଏସ୍‌ଟି/ ସାମାଜିକ ସୁଯୋଗରୁ ବଞ୍ଚିତ ବର୍ଗ ଓ ଜଣେ ଅର୍ଥନୈତିକ ଦୁର୍ବଳ ବର୍ଗର ସଦସ୍ୟ ରହିବେ ।
- **ମହିଳା ସଦସ୍ୟା ୫୦ ପ୍ରତିଶତ** - ଯାହାଙ୍କ ଭିତରେ ଉପଲବ୍ଧତା ଭିତ୍ତିରେ ଅତିକମ୍‌ରେ ଜଣେ ଏସି/ଏସ୍‌ଟି/ ସାମାଜିକ ସୁଯୋଗରୁ ବଞ୍ଚିତ ବର୍ଗ ଓ ଜଣେ ଅର୍ଥନୈତିକ ଦୁର୍ବଳ ବର୍ଗର ସଦସ୍ୟ ରହିବେ ।

ଖ) ଅବଶିଷ୍ଟ ୦୭ (୭ ଜଣ) ନିମ୍ନ ପ୍ରଦତ୍ତ ବ୍ୟକ୍ତିବିଶେଷଙ୍କ ଭିତରୁ କମିଟିର ସଦସ୍ୟ/ସଦସ୍ୟା ରହିବେ ।

- **ପଦପ୍ରଯୁକ୍ତ ସଦସ୍ୟ/ସଦସ୍ୟା :**

୧. ଜଣେ ସଦସ୍ୟ ଯଥା ଗ୍ରାମପଞ୍ଚାୟତ / ବିଜ୍ଞାପିତ ଅଞ୍ଚଳ / ପୌରାଞ୍ଚଳ / ମହାନଗର ନିଗମର ୱାର୍ଡ ମେମ୍ବର / କାଉନ୍‌ସିଲର୍ / କର୍ପୋରେଟର, ଯେଉଁଠାରେ ବିଦ୍ୟାଳୟ ଅବସ୍ଥିତ ଅଛି ।

୨. ଗ୍ରାମରେ କାମ କରୁଥିବା ଜଣେ ସ୍ୱାସ୍ଥ୍ୟ କର୍ମୀ / ଆଶା କର୍ମୀ;

୩. ଅଙ୍ଗନୱାଡି କେନ୍ଦ୍ରରେ କାମ କରୁଥିବା ଅଙ୍ଗନୱାଡି କର୍ମୀ;

୪. ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ / ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ, ସଦସ୍ୟ ଆବାହକ ।

- **ମନୋନୀତ ସଦସ୍ୟ/ସଦସ୍ୟା :**

୫. ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକମାନଙ୍କ ଭିତରୁ ଜଣେ ଶିକ୍ଷକ ଯିଏକି ଶିକ୍ଷକମାନଙ୍କ ଦ୍ୱାରା ସ୍ଥିରୀକୃତ ହେବେ ।

୬. ଦୁଇଜଣ ଛାତ୍ର-ଛାତ୍ରୀ, ଯାହାକି ଛାତ୍ର ସଂସଦ ଓ 'ମିନା ମଞ୍ଚ'ର ମୁଖ୍ୟ ହୋଇଥିବେ ।

୨.୨ ବିଦ୍ୟାଳୟ ପିରଚାଳନା କମିଟି ଗଠନ ହେଲାପରେ ଏକ ସପ୍ତାହ ଭିତରେ ଏହାର ପ୍ରଥମ ବୈଠକରେ ସଭାପତି ଏବଂ ଉପ-ସଭାପତି ମନୋନୟନ/ ନିର୍ବାଚନ ଜରିଆରେ ନିର୍ବାଚିତ କରାଯିବେ ।

### ୨. ବିଦ୍ୟାଳୟ ପରିଚାଳନା କମିଟିର କାର୍ଯ୍ୟ

କ) ବିଦ୍ୟାଳୟର ପାଖ ପଡ଼ିଶା ଇଲାକାର ଆଧାରରେ ବିଦ୍ୟାଳୟର ବିକାଶ ପାଇଁ ଯୋଜନା ପ୍ରସ୍ତୁତି କରିବେ;

ଖ) ୬ ବର୍ଷ ବୟସ ପର୍ଯ୍ୟନ୍ତ ଓ ୬ ବର୍ଷରୁ ୧୪ ବର୍ଷ ବୟସର ପିଲାମାନଙ୍କ ପାଇଁ ବାର୍ଷିକ ଗଣନା ଆୟୋଜନ କରିବେ;

ଗ) ବିଦ୍ୟାଳୟରେ ନାମ ଲେଖାଇ ନଥିବା ପିଲାମାନଙ୍କର ନାମ ଲେଖାଇବା ଏବଂ ପ୍ରାଥମିକ ଶିକ୍ଷା ସମାପ୍ତ ପର୍ଯ୍ୟନ୍ତ ବିଦ୍ୟାଳୟ ଛାଡ଼ିନଯିବାକୁ ସୁନିଶ୍ଚିତ କରିବେ;



ଘ) ବିଦ୍ୟାଳୟରେ ପିଲାମାନଙ୍କର ନିୟମିତ ଉପସ୍ଥିତି ଏବଂ ଅସ୍ଥାୟୀ ଭାବେ ଅନୁପସ୍ଥିତ ରହିବା ଓ ଅଧାରୁ ପାଠ ଛାଡ଼ି କିପରି ପିଲାମାନେ ନଯିବେ ଅଭିଭାବକଙ୍କ ଜରିଆରେ ତାହାକୁ ସୁନିଶ୍ଚିତ କରିବା;

ଙ) ଶିକ୍ଷକମାନଙ୍କର ନିୟମିତ ଉପସ୍ଥିତିକୁ ତଦାରଖ କରିବେ । ଶିକ୍ଷକଙ୍କ ଅନୁପସ୍ଥିତି ସମ୍ବନ୍ଧରେ ସ୍ଥାୟୀ କମିଟିକୁ ଜଣାଇବେ ।

ଚ) ବିଦ୍ୟାଳୟ ପରିବେଶକୁ ଶୁଶୋଭିତ କରିବା, ଖେଳ ପଡ଼ିଆ ବିକଶିତ କରିବା, ଶିଶୁ ଉଦ୍ୟାନ ଏବଂ ବିଦ୍ୟାଳୟ ହତା ଭିତରେ ବୃକ୍ଷରୋପଣ କରି ସମୃଦ୍ଧ କରିବା;

ଛ) ପ୍ରୋତ୍ସାହନମୂଳକ ଯଥା ମଧ୍ୟାହ୍ନ ଭୋଜନ, ପାଠ୍ୟ ପୁସ୍ତକ ଏବଂ ଅନ୍ୟାନ୍ୟ ପଠନ ଲିଖନ ସାମଗ୍ରୀ, ପୋଷାକ ଇତ୍ୟାଦିର ବର୍ଟନ ସୁନିଶ୍ଚିତ କରିବା ଏବଂ ଜରୁରୀ ସ୍ଥିତି ଅଗ୍ନି ବିପ୍ଳାତ, ବନ୍ୟା ଓ ବାତ୍ୟା ପରିପ୍ରେକ୍ଷୀରେ ଆବଶ୍ୟକତା ମୁତାବକ ବିଦ୍ୟାଳୟରେ ଉପସ୍ଥିତ ରହିବା;

ଜ) ପାଠ୍ୟ ବିଷୟବସ୍ତୁ କେତେ କଭର କରାଯାଇଛି ତାହା ସମୀକ୍ଷା କରିବା;

ଝ) ପରୀକ୍ଷା ଶେଷହେବା ପରେ ବିଦ୍ୟାଳୟର ଅଗ୍ରଗତି ଓ ସାମଗ୍ରିକ ପ୍ରଦର୍ଶନ ସହ ପାଠ୍ୟ ସଂକ୍ରାନ୍ତ ଅନ୍ୟାନ୍ୟ କାର୍ଯ୍ୟକ୍ରମର ସମୀକ୍ଷା କରିବା;

ଞ) ଶିକ୍ଷା ମେଳା, ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗତା ଏବଂ କ୍ରୀଡ଼ା ଆୟୋଜନ କରିବା;

ଟ) ଜିନିଷ ଆକାରରେ ଗ୍ରହଣ କରାଯାଇଥିବା ଅନୁଦାନ ଏବଂ ଗ୍ରହଣ କରାଯାଇଥିବା ଏସ୍.ଏସ୍ ଅନୁଦାନ ରାଶିର ଉପଯୋଗ ସମ୍ବନ୍ଧରେ ସ୍ଥାୟୀ କମିଟି ଓ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ସୂଚିତ କରିବା ଏବଂ ପରବର୍ତ୍ତୀ ଅଭିଭାବକ ଶିକ୍ଷକ ସଂଘ (ପିଟିଏ) ବୈଠକରେ ଉପସ୍ଥାପନ କରିବା;

ଠ) ବିଦ୍ୟାଳୟର ସମ୍ପତ୍ତି ଯଥା ବିଦ୍ୟାଳୟ ଗୃହ, ପାନୀୟ ଜଳ, ପାଇଖାନା, ଖେଳ ପଡ଼ିଆ ଇତ୍ୟାଦିର ରକ୍ଷଣାବେକ୍ଷଣ ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବେ;

ଡ) ବିଦ୍ୟାଳୟର ପାଖ ପଡ଼ିଶା ଅଞ୍ଚଳର ସମସ୍ତ ପିଲାମାନଙ୍କ ନାମଲେଖା ଓ ପାଠପଢ଼ିବାକୁ ସୁନିଶ୍ଚିତ କରିବେ;

ଢ଼) ଶିକ୍ଷା ଅଧିକାର ଆଇନ୍‌ର ଅନୁସୂଚୀରେ ବର୍ଣ୍ଣନା କରାଯାଇଥିବା ଗୁଣାତ୍ମକମାନ ଓ ମାନଦଣ୍ଡର ରକ୍ଷଣାବେକ୍ଷଣକୁ ତଦାରଖ କରିବେ;